# NATIONAL NEWS BULLETIN (ODIA)
## 21 May - 2025
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ଛତିଶଗଡ଼ରେ ମାଓବାଦୀ ବିପକ୍ଷ ଅଭିଯାନରେ ଦେଶର ସୁରକ୍ଷା ବାହିନୀକୁ ମିଳିଥିବା ଉଲ୍ଲେଖନୀୟ ସଫଳତାକୁ ଏକ ଗର୍ବର ମୁହୂର୍ତ୍ତ ଭାବେ ଅଭିହିତ କରିଛନ୍ତି ପ୍ରଧାନମନ୍ତ୍ରୀ
- ପ୍ରଧାନମନ୍ତ୍ରୀ ଆସନ୍ତାକାଲି ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୦୩ଟି ପୁନଃବିକଶିତ ରେଳଷ୍ଟେସନ୍‌ର କରିବେ ଲୋକାର୍ପଣ
- ଆସନ୍ତା ମାସ ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ଚଳିତ ବର୍ଷ କୈଳାସ ମାନସରୋବର ଯାତ୍ରା ଲାଗି ମୋଟ୍ ୭୫୦ ଜଣ ଶ୍ରଦ୍ଧାଳୁଙ୍କ ନାମ ଚୂଡ଼ାନ୍ତ
- ଖୁଜ୍‌ଦା ଦୁର୍ଘଟଣାରେ ଭାରତ ସମ୍ପୃକ୍ତି ଥିବା ସମ୍ପର୍କରେ ପାକିସ୍ତାନର ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସୂଚନା

ଏବଂ

- ଆଜିର ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଲା ଦିଲ୍ଲୀ କ୍ୟାପିଟାଲ୍ସ

# ପିଏମ୍– ହୋମ ମିନଷ୍ଟର ନକ୍ସଲିଜିମ୍

ଛତିଶଗଡ଼ରେ ମାଓବାଦୀଙ୍କ ବିପକ୍ଷ ଅଭିଯାନରେ ଦେଶର ସୁରକ୍ଷା ବାହିନୀକୁ ଅଭୂତପୂର୍ବ ସଫଳତା ମିଳିଥିବାରୁ ପ୍ରଧାନମନ୍ତ୍ରୀ ଏହାକୁ ଏକ ଗର୍ବର ମୁହୂର୍ତ୍ତଭାବେ ଅଭିହିତ କରିଛନ୍ତି।  ଦେଶରୁ ମାଓବାଦୀ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ରୂପେ ମୂଳୋତ୍ପାଟନ କରିବା ସହିତ ଦେଶବାସୀଙ୍କ ଲାଗି ଏକ ଶାନ୍ତି ଓ ପ୍ରଗତିଶୀଳ ଜୀବନ ସୁନିଶ୍ଚିତ କରିବା ଦିଗରେ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି।

ସେହିଭଳି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏହି ମାଓବାଦୀ ବିପକ୍ଷ ଅଭିଯାନକୁ ସୁରକ୍ଷାକର୍ମୀଙ୍କର ଏକ  ଐତିହାସିକ ସଫଳତା ବୋଲି କହିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଶାହା କହିଛନ୍ତି, ଗତ ୩ ଦଶନ୍ଧି ମଧ୍ୟରେ ପ୍ରଥମଥର ଲାଗି ମାଓ ବିପକ୍ଷ ସଂଗ୍ରାମରେ ସାଧାରଣ ସମ୍ପାଦକ ପାହ୍ୟାର ଜଣେ ନକ୍ସଲ ନେତା ଲାଗି ଦେଶର ସୁରକ୍ଷା ବାହିନୀ ହାତରେ ନିହତ ହୋଇଛି। ଏହି ସଫଳତା ଲାଗି ଶ୍ରୀ ଶାହା ସୁରକ୍ଷାକର୍ମୀଙ୍କର ସାହସିକ ପଦକ୍ଷେପକୁ ଉଚ୍ଚପ୍ରଶଂସା କରିଛନ୍ତି। ଏହାଛଡ଼ା ଅପରେସନ୍ ବ୍ଲାକଫରେଷ୍ଟର ସଫଳ କାର୍ଯ୍ୟକାରିତା ପରେ ୫୪

ଜଣ ମାଓବାଦୀ ଗିରଫ ହୋଇଥିଲେ ଏବଂ  ଛତିଶଗଡ଼, ତେଲଙ୍ଗାନା ଓ ମହାରାଷ୍ଟ୍ରରେ ୮୪ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିଲେ। ଆସନ୍ତା ବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଦେଶରୁ ମାଓବାଦୀଙ୍କୁ ସମ୍ପୂର୍ଣ୍ଣ ରୂପେ ବିଲୋପ କରିବା ଦିଗରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା ଏହି ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

## ଛତିଶଗଡ଼ ନକ୍ସଲ କିଲ୍ଡ

ଛତିଶଗଡ଼ର ନାରାୟଣପୁର ଜିଲ୍ଲାର ଆବୁଝମାଡ଼ ଅଞ୍ଚଳରେ ସୁରକ୍ଷାବାହିନୀ ସହ ହୋଇଥିବା ଏକ ଗୁଳି ବିନିମୟରେ ନିହତ ମାଓବାଦୀଙ୍କ ସଂଖ୍ୟା ୨୭କୁ ବୃଦ୍ଧି ପାଇଛି। ଏଥିରେ ମାଓବାଦୀଙ୍କ ଜଣେ ଶୀର୍ଷ ନେତା ନିହତ ହୋଇଥିବା ଜଣାପଡ଼ିଛି।  ଘଟଣାସ୍ଥଳରେ ସୁରକ୍ଷା ବାହିନୀ ବହୁଳ ମାତ୍ରାରେ ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି। ଗୁଳି ବିନିମୟ ବେଳେ ସୁରକ୍ଷାବାହିନୀର ଜଣେ ଯବାନ ସହିଦ୍ ହୋଇଥିବାର ଖବର ମିଳିଛି। ଛତିଶଗଡ଼ର ନାରାୟଣପୁର, ଦାନ୍ତେୱାଡ଼ା, ବିଜାପୁର, କୋଣ୍ଡାଗାଓଁରେ ଜିଲ୍ଲା ରିଜର୍ଭ ବାହିନୀର ଏକ ଦଳ ଆବୁଝମାଡ଼ ଅଞ୍ଚଳରେ ବହୁ ସଂଖ୍ୟକ ମାଓବାଦୀ ଉପସ୍ଥିତ ଥିବା ବିଷୟରେ ସୂଚନା ପାଇବା ପରେ ଦୁଇ ଦିନ ପୂର୍ବେ ଏକ ମିଳିତ ଅଭିଯାନ ଆରମ୍ଭ କରିଥିଲା। ଏ ସମ୍ପର୍କରେ ଅଧିକ ସୂଚନା ଦେଉଛନ୍ତି ଆମ ସମ୍ବାଦଦାତା...

**V/O- VIKALP-SHUKLA**

# ମୁମ୍ବାଇ ପିଏମ୍ ଇନାଗୁରେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଅମୃତ ଭାରତ ଷ୍ଟେସନ୍ ଯୋଜନା ଅଧୀନରେ ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୦୩ଟି ପୁନଃବିକଶିତ ରେଳଷ୍ଟେସନ୍‌ର ଲୋକାର୍ପଣ କରିବେ। ଏହି ଷ୍ଟେସନ୍‌ଗୁଡ଼ିକ ମଧ୍ୟରୁ ଚାରୋଟି ମୁମ୍ବାଇରେ ଅବସ୍ଥିତ। ୨୦୨୨ ମସିହା ଡିସେମ୍ବରରେ ଏହି ଅମୃତ ଭାରତ ଷ୍ଟେସନ୍ ଯୋଜନାର ଶୁଭାରମ୍ଭ ହୋଇଥିଲା। ଦେଶର ୧ ହଜାର ୩୦୦ରୁ ଊର୍ଦ୍ଧ୍ୱ ରେଳଷ୍ଟେସନକୁ ଅତ୍ୟାଧୁନିକ ସୁବିଧା ସୁଯୋଗ ଉପଲବ୍ଧ କରାଇବା ଥିଲା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହି ସବୁ ଷ୍ଟେସନ୍‌ଗୁଡ଼ିକର ପୁନଃବିକାଶ କାର୍ଯ୍ୟ ଲାଗି ୨୦୨୩ ଅଗଷ୍ଟରୁ ୨୦୨୪ ଫେବୃଆରୀ ମାସ ମଧ୍ୟରେ ଶିଳାନ୍ୟାସ କରାଯାଇଥିଲା। ଏ ସମ୍ପର୍କରେ ଆମର ମୁମ୍ବାଇ ସମ୍ବାଦଦାତାଙ୍କ ରିପୋର୍ଟ....

**V/O- BHANUA**

ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଅତ୍ୟାଧୁନିକ ସୁବିଧା ସୁଯୋଗ ଥିବା ୧୦୩ଟି ଅମ୍ରିତ ଭାରତ ଷ୍ଟେସନ୍‌ର ଲୋକାର୍ପଣ କରିବାକୁ ଥିବାରୁ ଏହି ଦିନଟିକୁ ଭାରତର ରେଳବାଇ ଭିତ୍ତିଭୂମି ଲାଗି  ଏକ ଐତିହାସିକ ଦିନ ଭାବେ ଅଭିହିତ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ

ମୋଦୀ କହିଛନ୍ତି, ଅମ୍ରିତ ଷ୍ଟେସନ୍ ମାଧ୍ୟମରେ ଯାତ୍ରୀମାନଙ୍କୁ ଅଧିକ ସୁଖ, ସ୍ୱାଚ୍ଛନ୍ଦର ପରିବେଶ ଉପଲବ୍ଧ କରାଯିବା ସହ ଯୋଗାଯୋଗ କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହାଛଡ଼ା ଦେଶର ଗୌରବମୟ ସଂସ୍କୃତିକୁ ଲୋକଲୋଚନକୁ ଆଣିବା ଦିଗରେ ଏହି ଅମ୍ରିତ ଷ୍ଟେସନ୍ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

## କୈଳାସ ମାନସରୋବର ଯାତ୍ରା

ଚଳିତ ବର୍ଷ କୈଳାସ ମାନସରୋବର ଯାତ୍ରା ଲାଗି ମୋଟ ୭୫୦ ଜଣ ଶ୍ରଦ୍ଧାଳୁଙ୍କ ନାମ ଚୂଡ଼ାନ୍ତ ହୋଇଛି। ଆଜି ନୂଆଦିଲ୍ଲୀଠାରେ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନଙ୍କ ଉପସ୍ଥିତିରେ ଏକ ଅନଲାଇନ୍ କମ୍ପ୍ୟୁଟର ଡ୍ର’ ମାଧ୍ୟମରେ ଏହି ଶ୍ରଦ୍ଧାଳୁମାନଙ୍କର ଚୟନ କରାଯାଇଛି। ଚୟନ କରାଯାଇଥିବା ଶ୍ରଦ୍ଧାଳୁମାନଙ୍କୁ ଏ ସମ୍ପର୍କରେ ଏସ୍ଏମ୍ଏସ୍ ଓ ଇମେଲ୍ ମାଧ୍ୟମରେ ଅବଗତ କରାଯାଉଛି। ଏହାଛଡ଼ା ସମ୍ପୃକ୍ତ ଶ୍ରଦ୍ଧାଳୁମାନେ କୈଳାସ ମାନସରୋବର ଯାତ୍ରାର ୱେବସାଇଟ୍‌ରେ ନିଜର ଷ୍ଟାଟସ୍ ଅନୁସନ୍ଧାନ କରିପାରିବେ। ଆସନ୍ତା ମାସ ୩୦ ତାରିଖ ଦିନ ପ୍ରଥମ ପର୍ଯ୍ୟାୟ ଏବଂ ଅଗଷ୍ଟ ୨୫ ତାରିଖ ଦିନ ଶେଷ ପର୍ଯ୍ୟାୟ ଶ୍ରଦ୍ଧାଳୁ ମାନସରୋବର ଅଭିମୁଖେ ଯାତ୍ରା କରିଛନ୍ତି। ପ୍ରତ୍ୟେକ ଦଳ ୫୦ ଜଣ ଶ୍ରଦ୍ଧାଳୁଙ୍କୁ ନେଇ ଗଠିତ ହୋଇଥିବା ବେଳେ ମୋଟ୍ ୧୫ଟି ପର୍ଯ୍ୟାୟରେ ଚଳିତ ବର୍ଷର ମାନସରୋବର ଯାତ୍ରା ଅନୁଷ୍ଠିତ ହେବ। ଏହି ୧୫ଟି

ପର୍ଯ୍ୟାୟରୁ ୫ଟି ଲିପୁଲେଖ ପଥରେ ଏବଂ ୧୦ଟି ନାଥୁଲା ପଥ ଦେଇ ଯାତ୍ରା କରିବେ।

ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ବର୍ଦ୍ଧନ ଚଳିତ ବର୍ଷର କୈଳାସ ମାନସରୋବର ଯାତ୍ରା ଲାଗି ଶ୍ରଦ୍ଧାଳୁଙ୍କ ସୁବିଧା ନିମନ୍ତେ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବ୍ୟାପକ ବନ୍ଦୋବସ୍ତ ଉପରେ ଆଲୋକପାତ କରିଛନ୍ତି। ଶ୍ରଦ୍ଧାଳୁଙ୍କ ସୁରକ୍ଷା ସର୍ବୋଚ୍ଚ ପ୍ରାଥମିକତା ହୋଇଥିବା ଦୃଷ୍ଟିରୁ ଇଣ୍ଡୋ-ତିବ୍ବତ ସୀମା ପୁଲିସ ଏବଂ ଅନ୍ୟାନ୍ୟ ସୁରକ୍ଷାକର୍ମୀଙ୍କୁ ଏଥିଲାଗି ମୁତୟନ କରାଯାଇଛି ବୋଲି ସେ କହିଛନ୍ତି। ୫ ବର୍ଷର ବ୍ୟବଧାନ ପରେ ଚଳିତ ବର୍ଷ କୈଳାସ ମାନସରୋବର ଅନୁଷ୍ଠିତ ହେଉଥିବାରୁ ଏହା ଅନେକ ଗୁରୁତ୍ୱ ବହନ କରେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

# ପିଏମ୍- ରାଜସ୍ଥାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ରାଜସ୍ଥାନର ବିକାନେର୍‌ରେ ୨୬ ହଜାର କୋଟିରୁ ଅଧିକ ଟଙ୍କା ମୂଲ୍ୟର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଲୋକାର୍ପଣ କରିବେ । ଏହି ପ୍ରକଳ୍ପ ଗୁଡ଼ିକ’ ରେଳପଥ, ସଡ଼କପଥ, ଶକ୍ତି, ଜଳ, ନୂତନ ଓ ଅକ୍ଷୟ ଶକ୍ତି କ୍ଷେତ୍ରକୁ ସଶକ୍ତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଚୁରୁ-ସାଦୁଲ୍‌ପୁର ରେଳଲାଇନ୍ ଲାଗି ଶିଳାନ୍ୟାସ କରିବା ସହିତ ସୁରତଗଡ଼-ଫାଲୋଡ଼ି, ଫୁଲେରା-ଦିଗାନା, ଉଦୟପୁର-ହିମ୍ମତନଗର, ଫାଲୋଡ଼ି-ଜୈସାଲ୍‌ମେର୍ ଏବଂ ସାମ୍‌ଦାରି-ବାର୍‌ମର୍ ରେଳଲାଇନ୍ ବିଦ୍ୟୁତ୍‌କରଣ ପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ ।

ସେହିଭଳି ସଡ଼କପଥର ଭିତ୍ତିଭୂମିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଶ୍ରୀ ମୋଦୀ ୪ ହଜାର ୮୫୦ କୋଟି ବ୍ୟୟ ଅଟକଳରେ ନିର୍ମିତ ୭ଟି ସଡ଼କପଥ ପ୍ରକଳ୍ପର ଲୋକାର୍ପଣ କରିବେ । ଏହି ରାଜପଥ ଭାରତ-ପାକିସ୍ତାନ ସୀମାକୁ ସମ୍ପ୍ରସାରିତ ହୋଇଥିବା ଦୃଷ୍ଟିରୁ ଦେଶର ପ୍ରତିରକ୍ଷା ଭିତ୍ତିଭୂମି ଏହାଦ୍ୱାରା ସଶକ୍ତ ହୋଇପାରିବ । ଫଳରେ ସୁରକ୍ଷା କର୍ମୀଙ୍କୁ ସମ୍ପୃକ୍ତ ସୀମା ପର୍ଯ୍ୟନ୍ତ ଯିବାରେ ସୁବିଧା ହେବ ବୋଲି ଜଣାପଡ଼ିଛି । ଅକ୍ଷୟ ଶକ୍ତି କ୍ଷେତ୍ରକୁ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ବିକାନେର୍ ଓ ନାୱା ଠାରେ ସୌର ପ୍ରକଳ୍ପ ଲାଗି ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି ।

## ଇଣ୍ଡିଆ-ପାକିସ୍ତାନ

ଖୁଜ୍‌ଦା ଦୁର୍ଘଟଣାରେ ଭାରତର ସମ୍ପୃକ୍ତି ଥିବା ସମ୍ପର୍କରେ ପାକିସ୍ତାନର ଅଭିଯୋଗକୁ ଭାରତ ଖଣ୍ଡନ କରିଛି । ଆଜି ନୂଆଦିଲ୍ଲୀଠାରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଏ ସମ୍ପର୍କିତ ଏକ

ପ୍ରଶ୍ନର ଉତ୍ତରରେ କହିଛନ୍ତି, ଏହି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ବିଶ୍ୱ ସନ୍ତ୍ରାସବାଦ କାର୍ଯ୍ୟକଳାପର ମୁଖ୍ୟ କେନ୍ଦ୍ର ପାଲଟିଥିବା ପାକିସ୍ତାନ ଏ ଦିଗରେ ନିଜର ବିଫଳତାଠାରୁ ବିଶ୍ୱ ସମୁଦାୟର ଧ୍ୟାନ ହଟାଇବା ଲାଗି ନିଜର ସମସ୍ତ ଆନ୍ତଃ ସମସ୍ୟା ନିମନ୍ତେ ଭାରତକୁ ଦୋଷଦେବା ଏହି ପଡ଼ୋଶୀ ରାଷ୍ଟ୍ରର ଏକ ଅଭ୍ୟାସରେ ପରିଣତ ହୋଇଗଲାଣି ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି। ବଲୁଚିସ୍ତାନର ଖୁଜଦାଠାରେ ଏକ ସ୍କୁଲ ବସ୍ ଉପରେ ବୋମା ଆକ୍ରମଣ ହେବାରୁ ତିନି ଜଣ ଶିକ୍ଷାର୍ଥୀଙ୍କ ସମେତ ମୋଟ୍ ୫ ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟ କେତେ ଜଣ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ତେବେ ଏହି ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ମୃତକଙ୍କ ପ୍ରତି ଭାରତ ସମବେଦନା ଜଣାଇଛି ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି।

## ଅଲ୍ ପାର୍ଟି ଡେଲିଗେସନ୍ ଭିଜିଟ୍

ଭାରତର ଅପରେସନ୍ ସିନ୍ଦୂର ଉପରେ କୂଟନୈତିକ ପ୍ରଚାର ଓ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦକୁ ସର୍ବସମ୍ମୁଖକୁ ଆଣିବା ପାଇଁ ଦୁଇଟି ସର୍ବଦଳୀୟ ପ୍ରତିନିଧି ଦଳ ଆଜିଠାରୁ ୯ଟି ରାଷ୍ଟ୍ର ଅଭିମୁଖେ ଯାତ୍ରା କରିଛନ୍ତି। ଜେଡିୟୁ ସାଂସଦ ସଞ୍ଜୟ କୁମାର ଝା'ଙ୍କ ନେତୃତ୍ୱରେ ଏକ ସର୍ବଦଳୀୟ ପ୍ରତିନିଧି ଦଳ ଇଣ୍ଡୋନେସିଆ, ମାଲେସିଆ, ଦକ୍ଷିଣ କୋରିଆ, ଜାପାନ ଓ ସିଙ୍ଗାପୁର ଗସ୍ତ କରୁଛନ୍ତି। ଶିବସେନା ସାଂସଦ ଶ୍ରୀକାନ୍ତ ସିନ୍ଦେଙ୍କ ନେତୃତ୍ୱାଧୀନ ଅନ୍ୟ ଏକ ସର୍ବଦଳୀୟ ପ୍ରତିନିଧି ଦଳ

ସଂଯୁକ୍ତ ଆରବ ଏମିରେଟ୍ସ, ଲାଇବେରିଆ, କଙ୍ଗୋ ଏବଂ ସିଏରା ଲିଓନ ଅଭିମୁଖେ ଯାଉଛନ୍ତି। ଆତଙ୍କବାଦ କାର୍ଯ୍ୟକଳାପ ବିରୋଧରେ ଦେଶର ଦୃଢ଼ ଆଭିମୁଖ୍ୟକୁ ବିଶ୍ୱ ନେତୃବୃନ୍ଦଙ୍କୁ ଅବଗତ କରାଇବା ହେଉଛି ଏହି ପ୍ରତିନିଧି ଦଳଙ୍କର ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଆଉ କିଛି ସମୟ ପରେ ମୁକାବିଲା ହେବ। ମୁମ୍ବାଇର ୱାଙ୍ଖେଡ଼େ ଷ୍ଟାଡିୟମ୍‌ରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଆରମ୍ଭ ହେବ। ମିଳିଥିବା ସୂଚନା ଅନୁଯାୟୀ, ଦିଲ୍ଲୀ କ୍ୟାପିଟାଲ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଛି।

## ବ୍ୟାଡମିଣ୍ଟନ- ମାଲେସିଆ ଓପନ୍

ମାଲେସିଆ ମାଷ୍ଟର୍ସ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟକୁ ଭାରତର ଏଚ୍.ଏସ୍.ପ୍ରଣୟ ଓ କିଦାମ୍ବୀ ଶ୍ରୀକାନ୍ତ ଉନ୍ନୀତ ହୋଇଛନ୍ତି। ପ୍ରଣୟ ଆଜି ପ୍ରଥମ ପର୍ଯ୍ୟାୟରେ ଜାପାନ୍‌ର କେଣ୍ଟା ନିଶିମୋତଙ୍କୁ ୧୯-୨୧, ୨୧-୧୭, ୨୧-୧୬ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିଭଳି ଶ୍ରୀକାନ୍ତ ଚୀନ୍‌ର ଲୁ ଗୁଆଙ୍ଗ ଜୁ'ଙ୍କୁ ୨୩-୨୧, ୧୩-୨୧ ଓ ୨୧-୧୧ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିଭଳି ମହିଳା ଡବଲ୍ସ ବର୍ଗରେ ଭାରତର

ପ୍ରେରଣା ଆଲଭେକର ଓ ମୃଣ୍ମୟୀ ଦେଶପାଣ୍ଡେ ଏବଂ ପୁରୁଷ ଡବଲ୍ସ ବର୍ଗରେ ହରିହରନ ଆମ୍‌ସାକରୁନନ୍ ଓ ରୁବନ କୁମାରଙ୍କ ଯୋଡ଼ି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି।